# କୃଷି ସୂଚନା ସେବା (ଧାନ)

## ଭା.କୃ.ଅନୁ.ପ-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

**୨୦୧୭ ମସିହା ନଭେମ୍ବର ମାସ ଦ୍ୱିତୀୟ ପକ୍ଷ (୧୬-୩୦ ନଭେମ୍ବର, ୨୦୧୭) ପାଇଁ କାର୍ଯ୍ୟପନ୍ଥା :**

- ଅମଳ ହୋଇସାରିଥିବା ଧାନକୁ ସୁରକ୍ଷିତ ସ୍ଥାନରେ ବର୍ଷା ଦାଉରୁ ରକ୍ଷା କରିବା ପାଇଁ ଥାକ କରି ଘୋଡାଇ ରଖନ୍ତୁ ।
- ପାଚିଲା ଧାନ କିଆରୀରେ ସିଆର କରି ବର୍ଷାଜଳ ନିଷ୍କାସନ କରନ୍ତୁ ।
- ବର୍ଷା ନ ହୋଇଥିଲେ ଧାନରେ ଫୁଲ ଉଡେଇବାର ୧୫ ଦିନ ପରେ ବିଲରୁ ପାଣି ବାହାର କରିଦିଅନ୍ତୁ ।
- ଶତକଡା ୮୦ ଭାଗ ଧାନ ପାଚିଗଲା ପରେ କାଟି ଶୀଘ୍ର ଅମଳ କରିଦିଅନ୍ତୁ । ପ୍ରତ୍ୟେକ କିସମ ଅଲଗା ଭାବରେ ସଫା କରି ଧାନ ବସ୍ତାରେ ରଖନ୍ତୁ ।
- ଜଳସେଚିତ ମଧ୍ୟମ କିସମ ଜମିରେ ଧାନ କାଟିବା ପରେ ଆଳୁ, ସୂର୍ଯ୍ୟମୁଖୀ, ଚିନାବାଦାମ ଓ ଶୀତଦିନିଆ ମକା ଇତ୍ୟାଦି ଫସଲ ଚାଷ କରନ୍ତୁ ।
- ବର୍ଷାଶ୍ରୀତ ସ୍ୱଳ୍ପ ଖାଲୁଆଜମି ଯେଉଁଠାରେ ଜଳସେଚନର ସୁବିଧା ନାହିଁ, ବିଭିନ୍ନ ଫସଲ ଯଥା ମଟର, ବିରି, ପେସି ଇତ୍ୟାଦି ପାଇରା ଫସଲ ଭାବେ ବୁଣନ୍ତୁ । ଏହି ସବୁ ଫସଲ ଧାନ ଥିବା ସମୟରେ ମାଟିରେ ବତର ଥାଇ ବୁଣି ଦିଅନ୍ତୁ । ଯଦି କିଆରୀରେ ପାଣି ଥାଏ, ତା ହେଲେ କିଆରୀରୁ ପାଣି ନିଗାଡିବା ପରେ ଏହି ଫସଲ ଗୁଡିକ ବୁଣନ୍ତୁ ।
- ଏହି ସମୟରେ ଧାନରେ ବାଦାମୀ ଗୁଣ୍ଡିପୋକ, ଧଳା ପତ୍ରଡିଆଁ, ସବୁଜ ପତ୍ରଡିଆଁ ପୋକ ଏବଂ ଗନ୍ଧି ପୋକ ଇତ୍ୟାଦି ଦେଖାଦେଇପାରେ । ଜମିରେ ପାଚିଲା ଧାନ ଅମଳ ନ ହୋଇଥିବା ଅବସ୍ଥାରେ ଲେଡାପୋକ ଦେଖାଯାଏ । ସେଥିପାଇଁ ତଳେ ଦିଆଯାଇଥିବା ପୋକର ସଂଖ୍ୟା ଏବଂ ପ୍ରାର୍ଦୁଭାବ ଅବସ୍ଥା ସର୍ବେକ୍ଷଣ କରି ସେମାନଙ୍କୁ ଦମନ କରିବା ଦରକାର ।

  ସେହିସବୁ ପୋକମାନଙ୍କର ଆର୍ଥିକ ଦେହଳୀ ସୀମା (ETL) ହେଲା :

  - ବାଦାମୀ ଗୁଣ୍ଡିପୋକ- ପ୍ରତି ବୁଦାରେ ୫ ରୁ ୧୦ଟି ପୋକ,
  - ଧଳା ପତ୍ରଡିଆଁ ପୋକ-ବୁଦାପ୍ରତି ୫ ରୁ ୧୦ ଟି ପୋକ,
  - ଗନ୍ଧିପୋକ-ପ୍ରତି ବର୍ଗମିଟରରେ ୨ରୁ ୪ ଟା ପୋକ ।

**(ବି.ଦ୍ର:** ବାଦାମୀ ଗୁଣ୍ଡିପୋକ ଓ ଧଳା ପତ୍ରଡିଆଁ ପୋକ ସର୍ବେକ୍ଷଣ ପାଇଁ ଧାନ ଗଛର ମୂଳରୁ ଗୋଟିଏ ବାଡି ଦ୍ୱାରା ଆସ୍ତେ ବାଡେଇ ଦେଲେ ପୋକଗୁଡିକ ତଳେଥିବା ପାଣିକୁ ଡେଇଁପଡିବେ । ସେଥିରୁ ଆମେ ସେମାନଙ୍କର ସଂଖ୍ୟା ଜାଣିପାରିବା)

ଆର୍ଥିକ ଦେହଳୀ ସୀମାରୁ ପୋକ ସଂଖ୍ୟା ଅଧିକ ଦେଖାଦେଲେ ନିମ୍ନଲିଖିତ କୀଟନାଶକ ଔଷଧକୁ ଏକର ପିଛା ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିବା ଦରକାର । ମାତ୍ର ଧାନ ପାକଳ ହେବାପରେ ଅମଳ ସମୟ ହୋଇଥିଲେ ଲେଡା ପୋକ ବ୍ୟତିତ ଅନ୍ୟ ପୋକର ଦମନ ପାଇଁ କୌଣସି ଔଷଧ ପ୍ରୟୋଗ କରନ୍ତୁ ନାହିଁ ।

**ବାଦାମୀ ଗୁଣ୍ଡିପୋକ / ଧଳା ପତ୍ରଡିଆଁ ପୋକ/ ସବୁଜ ପତ୍ରଡିଆଁ ପୋକ :**

ଇମିଡାକ୍ଲୋପ୍ରିଡ୍ ୩୦.୫ SC @ ୩୦ ମି.ଲି./ଏକର କିମ୍ବା ,

ଇମିଡାକ୍ଲୋପ୍ରିଡ୍ ୭୦ WG/ ଥାୟୋମିଥୋକ୍ସାମ୍ ୨୫ WG @ ୪୦ ଗ୍ରାମ୍/ଏକର କିମ୍ବା,

ଡାଇନୋଟେଫ୍ୟୁରାନ୍ ୨୦SG @ ୬୦ ଗ୍ରାମ୍ /ଏକର କିମ୍ବା,

ଫ୍ଲୁନିକାମାଇଡ୍ ୫୦ WG @ ୬୦ ଗ୍ରାମ୍ /ଏକର କିମ୍ବା,

ପାଇମେଟ୍ରୋଜିନ୍ ୫୦ WG @ ୧୨୦ ଗ୍ରାମ୍ /ଏକର ।

❖ ସଠିକ୍ ପରିମାଣର କୀଟନାଶକ ଔଷଧ ବ୍ୟବହାର କରି ସିଆରରେ ଯାଇଁ ଗଛର ତଳଭାଗରେ ପ୍ରୟୋଗ କଲେ ବାଦାମୀଗୁଣ୍ଡି ତଥା ଧଳାପତ୍ରଡିଆଁ ପୋକ ଦମନ ହୋଇପାରିବ ।

❖ ବିଲରେ କଦାପି ଧାନ ଫସଲକୁ ପୋକ ଲାଗିଥିବା ଅବସ୍ଥାରେ ପୋଡନ୍ତୁ ନାହିଁ କାରଣ ଏହା କରିବା ଫଳରେ ବାଦାମୀଗୁଣ୍ଡି ପୋକ ଭଲଥିବା ଧାନ କିଆରୀକୁ ବ୍ୟାପିଯାଇଥାଏ ।

**ଗନ୍ଧିପୋକ:**

ଇଥୋଫେନୋପ୍ରକ୍ସ ୧୦EC @ ୨୦୦ ମି.ଲି./ଏକର-ପତ୍ରସିଞ୍ଚନ କିମ୍ବା,

ମାଲାଥିଅନ୍ ୫ ଡି. @୧୦ କି.ଗ୍ରା./ଏକର ସକାଳେ ପବନ ନ ହେଉଥିବା ସମୟରେ ପ୍ରୟୋଗ କରନ୍ତୁ,

ଏକ ଏକର ନିମନ୍ତେ ୨୦୦ ଲିଟର ପାଣି ବ୍ୟବହାର କରନ୍ତୁ ।

**ଲେଡାପାକ(Ear cutting catepillar):**

କୁଇନାଲଫସ୍ ୨୫ EC @ ୪୦୦ ମି.ଲି./ଏକର କିମ୍ବା

କ୍ଲୋରୋପାଇରିଫସ୍ ୨୦ EC @ ୫୦୦ ମି.ଲି./ଏକର କୁ ସକାଳ ସମୟରେ ଗଛର ତଳଭାଗରେ ପ୍ରୟୋଗ କରିବା ଆବଶ୍ୟକ ।

**ମୂଷା ନିୟନ୍ତ୍ରଣ :**

ଅମଳ ସମୟରେ ମୂଷା ଲାଗିବାର ସମ୍ଭାବନା ଥାଏ । ସେଥିନିମନ୍ତେ ନିମ୍ନଲିଖିତ ପଦ୍ଧତି ବ୍ୟବହାର କରି ମୂଷା ନିୟନ୍ତ୍ରଣ କରନ୍ତୁ । ପ୍ରଥମେ ମୂଷା ଗାତକୁ ଚିହ୍ନଟ କରନ୍ତୁ ଏବଂ ସେହି ଗାତରେ ଆଲୁମିନିୟମ୍ ଫସଫାଇଡ୍ ଗୋଟିଏ ବଟିକା(୧୨ ଗ୍ରାମ୍) ପକାଇ ଗାତକୁ କାଦୁଅଦ୍ୱାରା ଭଲ ଭାବେ ବନ୍ଦ କରିଦିଅନ୍ତୁ । ଏହା ଫଳରେ ମୂଷା ମରିଯାଇଥାଏ ।

**ରୋଗ ନିୟନ୍ତ୍ରଣ :**

ଏହି ସମୟରେ ଅସମୟ ବର୍ଷା ହେଲେ ଡେରିରେ ଅମଳ ହେଉଥିବା ଧାନରେ ସାଆଁରା ରୋଗ ଏବଂ କେଣ୍ଡା ମୂଳରେ ମହିଷା ରୋଗ ଦେଖାଦେବାର ସମ୍ଭାବନା ଥାଏ । ସେଥିପାଇଁ ଏହି ରୋଗ ଦେଖାଦେଲେ ନିମ୍ନଲିଖିତ ଫିମ୍ପିନାଶକ ଔଷଧ ପ୍ରୟୋଗ କରନ୍ତୁ ।

**ସାଆଁରା ରୋଗ :**

କପରହାଇଡ୍ରୋକ୍ସାଇଡ୍ ୭୭ WP @ ୮୦୦ ଗ୍ରାମ୍ /ଏକର କିମ୍ବା କପରହାଇଡ୍ରୋକ୍ସାଇଡ୍ ୫୩.୮ DF @ ୬୦୦ ଗ୍ରାମ୍ / ଏକର ଫୁଲ ଧରିବା ପୂର୍ବରୁ ସିଞ୍ଚନ କରନ୍ତୁ ।

କ୍ଲୋରୋଥାଲୋନିଲ୍ ୭୫ WP କିମ୍ବା ପ୍ରୋପିକୋନାଜୋଲ୍ ୨୫ EC ୪୦୦ ଗ୍ରାମ୍ /ଏକର ଫୁଲ ଉଡାଇବା ସମୟରେ ସିଞ୍ଚନ କଲେ ସାଆଁରା ରୋଗର ପ୍ରାର୍ଦୁଭାବ କମିଯାଇଥାଏ ।

**କେଣ୍ଡାମୂଳ ମହିଷା ରୋଗ :**

କାରବେଣ୍ଡାଜିମ୍ କିମ୍ବା ଟ୍ରାଇସାଇକ୍ଲାଜୋଲ୍ ୭୫ WP @ ୨୦୦ ଗ୍ରାମ୍ /ଏକର କିମ୍ବା,

ଟେବୁକୋନାଜୋଲ୍ ୫୦+ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫ WG ୮୦ ଗ୍ରାମ୍ /ଏକର ସିଞ୍ଚନ କରନ୍ତୁ ।

**ବି.ଦ୍ର. :** ଅଧିକା ଜାଣିବା ପାଇଁ ରାଇସ୍ ଏକ୍ସପର୍ଟ ଆପ୍ (rice Xpert app) Google play store ରୁ Download କରନ୍ତୁ । ସେଠାରେ ଆପଣ ନିଜର ଫସଲ ସମ୍ବନ୍ଧୀୟ ପ୍ରଶ୍ନ ପଚାରିପାରିବେ । ରୋଗ ପୋକ ଲାଗିଥିବା ଗଛର ଫଟୋ ଉଠେଇକି କିମ୍ବା ଭିଡିଓ କରି ବା ସ୍ୱର ରେକର୍ଡିଂ ମାଧ୍ୟମରେ ରୋଗପୋକ ନିୟନ୍ତ୍ରଣ ବିଷୟରେ ନିଜର ପ୍ରଶ୍ନ ପଚାରିପାରିବେ ।

******